# ମହାକାଳେଶ୍ୱର ଫେଷ୍ଟିଭାଲରେ ଛାତ୍ରୀଙ୍କ ସଫଳତା

କାମାକ୍ଷାନଗର,୪।୧୨(ଅମଜାଦ ଖାନ)

ଢେଙ୍କାନାଳ ସହର ଗୋପବନ୍ଧୁ ଟାଉନ ହଲରେ ତୃତୀୟ ମହାକାଳେଶ୍ୱର ଫେଷ୍ଟିଭାଲ ଉପଲକ୍ଷେ ଅନୁଷ୍ଠିତ 'ଢେଙ୍କାନାଳ ଗଟ ଟ୍ୟାଲେଣ୍ଟ'ରେ କାମାକ୍ଷାନଗର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର 'କୃଷ୍ଣାମୟୀ ଡ୍ୟାନ୍ସ ଗ୍ରୁପ୍' ଦ୍ୱିତୀୟ ସ୍ଥାନ ଅଧିକାର କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛି। ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ପୌର ଅଧ୍ୟକ୍ଷା ଜୟନ୍ତୀ ପାତ୍ର, ସମ୍ମାନିତ ଅତିଥି ଭାବେ ପୂର୍ବତନ ପୌର ଅଧ୍ୟକ୍ଷ ସୁନୀଲ ଶର୍ମା, ଅକ୍ଷୟ ସାହୁ, ଶିବାୟ ଅନୁଷ୍ଠାନର ନିର୍ଦ୍ଦେଶକ ଶିବରଞ୍ଜନ ବେହେରା ଯୋଗଦେଇ 'କୃଷ୍ଣାମୟୀ ଡ୍ୟାନ୍ସ ଗ୍ରୁପ୍'କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରବୋଧ ମହାପାତ୍ର ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀ ପାୟଲ, ଶ୍ରେୟା, ଶୁଭଶ୍ରୀ, ବର୍ଷା, ବିନ୍ଦୁ, ଲକି, ଆଶା, ଲିପି ଓ ଶ୍ରାବଣୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏଥିସହ ଗାଇଡ୍ ଶିକ୍ଷକ ଦୁର୍ଗାପ୍ରସାଦ ତ୍ରିପାଠୀଙ୍କ ମାର୍ଗଦର୍ଶନ ପାଇଁ ତାଙ୍କୁ ସାଧୁବାଦ ଜଣାଇଛନ୍ତି। କୃଷ୍ଣାମୟୀ ବିଶ୍ୱାଳ ନିର୍ଦ୍ଦେଶନା ଦେଇଥିଲେ।



ସଫଳତା ହାସଲ କରିଥିବା ଗ୍ରୁପ୍‌କୁ ପୁରସ୍କୃତ କରାଯାଉଛି।

# 'ଯୁବଶକ୍ତି ହିଁ ଦେଶର ଶକ୍ତି'



ଗୋବିନ୍ଦପୁର କଲେଜରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଢେଙ୍କାନାଳ,୪।୧୨(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁର ଉତ୍କଳମଣି ଗୋପବନ୍ଧୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରାୟୋଜିତ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅଧ୍ୟକ୍ଷ ପ୍ରଭାତ କୁମାର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଏହାକୁ ଉଦ୍‌ଘାଟନ କରିବା ସହ ଯୁବଶକ୍ତି ହିଁ ଦେଶର ଶକ୍ତି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ଶିଶିର କୁମାର ଶତପଥୀ, ଛାତ୍ରୀଛାତ୍ରମାନେ ଶୃଙ୍ଖଳିତ ହେବା ସହିତ ନିଜକୁ ଦକ୍ଷ ଆଦର୍ଶ ନାଗରିକ ଭାବରେ ଗଢ଼ି ତୋଳିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗୋବିନ୍ଦପୁର ସରପଞ୍ଚ ଅରୁଣ କୁମାର ପରିଡ଼ା ଯୋଗଦାନ କରିଥିଲେ। ଯୁବ ବିକାଶ କାର୍ଯ୍ୟକ୍ରମର ନୋଡାଲ୍ ଅଫିସର ଅଧ୍ୟାପିକା ମମତା ନାୟକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ଅଧ୍ୟାପକ ଗୁରୁ ଚରଣ ନାୟକ ସାମାଜିକ ସଚେତନା କାର୍ଯ୍ୟକ୍ରମରେ ପିଲାମାନଙ୍କୁ ସାମିଲ୍ ହେବା ପାଇଁ ପରାମର୍ଶ ଦେଇଥିଲେ। ଅନୁଷ୍ଠାର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଦିଲୀପ କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ପୂର୍ବତନ ଅଧ୍ୟକ୍ଷ ଚନ୍ଦ୍ରଭାନୁ ମହାପାତ୍ର, ଗ୍ରନ୍ଥାଗାରିକ କୃଷ୍ଣଚନ୍ଦ୍ର ମିଶ୍ର, ଅଧ୍ୟାପକ ସୁବ୍ରତ କୁମାର ଇନ୍ଦ୍ରଜିତ୍ ସିଂହ, କ୍ରୀଡ଼ାଶିକ୍ଷକ ଅନ୍ତର୍ଯ୍ୟାମୀ ସ୍ୱାଇଁ, ଯୁଗଳ କିଶୋର ରାଉତ, ସନ୍ତୋଷ କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ। ଗୋବିନ୍ଦପୁର ଗ୍ରାମର ଆଦର୍ଶ ଶିକ୍ଷକ ହୃଷୀକେଶ ରଣାଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରକାର ସଚେତନତାର ବାର୍ତ୍ତା ଧରି ଗୋବିନ୍ଦପୁର ଛକ ପରିକ୍ରମା କରିଥିଲେ। ଅଧ୍ୟାପିକା କସ୍ତୁରୀ ଜେଷ୍ଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଷ୍ଟପ୍ରହର ନାମ ଯଜ୍ଞ

କାମାକ୍ଷାନଗର,୪।୧୨(ଅମଜାଦ ଖାନ)

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ କଙ୍କଡ଼ାହାଡ଼ ଗ୍ରାମରେ ୬୮ ତମ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଆଖପାଖ ଗ୍ରାମରୁ ୨୨ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। ଢେଙ୍କାନାଳର ନରଣପୁର କୀର୍ତ୍ତନ ଦେଖିବାକୁ ଲୋକଙ୍କ ଭଡ଼ ଜମିଥିଲା। କଙ୍କଡାହାଡ଼ ଗ୍ରାମ ସଭାପତି ପ୍ରକାଶ ବିଶ୍ୱାଳ, ଗ୍ରାମ ପରିଚାଳନା କମିଟି ସମ୍ପାଦକ ତ୍ରିଲୋଚନ ପଣ୍ଡା, ନୀଳାମ୍ବର ପରିଡା, ସନାତନ ପରିଡା, ସର୍ବେଶ୍ୱର ବାରିକ, ଗିରିଧାରୀ ପରିଡା, ବିଷ୍ଣୁ ଚରଣ ସିଂହ, ଶୁକଦେବ ସାହୁ, ଶୁଭେନ୍ଦୁ ପାଳ, ସଞ୍ଜୟ ସାହୁ, ସନ୍ତୋଷ ସାହୁ, ଶ୍ରୀମନ୍ତ ପାଣି, ଶମ୍ଭୁନାଥ ସିଂହ, ବାବୁଲା ସାହୁ ପ୍ରମୁଖ ସହଯୋଗ କରିଥିଲେ।



କଙ୍କଡ଼ାହାଡ଼ ଗ୍ରାମରେ ୬୮ ତମ ଅଷ୍ଟପ୍ରହର ନାମଯଜ୍ଞ ଚାଲିଛି।

# ଫୁଟବଲ ଟୁର୍ନାମେଣ୍ଟ: ବାବା କ୍ଲବ ଚାମ୍ପିୟନ

ସାତମାଇଲ,୪।୧୨(ସୁଶାନ୍ତ କୁମାର ପତି)

ଢେଙ୍କାନାଳ ଜିଲା ସାଇବିରି ଖେଳ ପଡିଆଠାରେ ଜୟଦୁର୍ଗା ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ରମେଶ ଓ ମାନସ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ବାବା କ୍ଲବ ଅନୁଗୋଳ ଏବଂ ଢେଙ୍କାନାଳ ଜିଲା ନରଣପୁର ପପୁଲାର କ୍ଲବ ମଧ୍ୟରେ ଖେଳାଯାଇଥିଲା। ଏଥିରେ ବାବା କ୍ଲବ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ମ୍ୟାଚରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ଖୋଳ, କୀର୍ତ୍ତନ ବାଜା ବଜାଇ କେନ୍ଦ୍ରମନ୍ତ୍ରୀଙ୍କୁ ଏକ ଶୋଭାଯାତ୍ରାରେ ଖେଳପଡିଆକୁ ପାଛୋଟି ନିଆଯାଇଥିଲା। ସମ୍ମାନିତ ଅତିଥି ଭାବେ ଭାଜପା ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି, ପୂର୍ବତନ ମନ୍ତ୍ରୀ ଅଞ୍ଜଳି ବେହେରା, ବିଶ୍ୱଜିତ୍ ପଟ୍ଟନାୟକ, ଭାଜପା ନେତା ସୁନୀଲ ଶର୍ମା, ରାମଚନ୍ଦ୍ର ପାତ୍ର, ସତ୍ୟାନନ୍ଦ ଦଳବେହେରା, ଅରୁଣ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଚାମ୍ପିୟନ ଦଳ ବାବା କ୍ଲବ ଅନୁଗୋଳକୁ ନଗଦ ୧୦ ହଜାର ଟଙ୍କା ସହିତ ଟ୍ରଫି ଏବଂ ପପୁଲାର କ୍ଲବ ନରଣପୁରକୁ ନଗଦ ୭ ହଜାର ଟଙ୍କା ସହିତ ରନର୍ସଅଫ କପ ଅତିଥିମାନେ ପ୍ରଦାନ କରିଥିଲେ। ବିଶ୍ୱଜିତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।




ଫୁଟବଲ ଟୁର୍ନାମେଣ୍ଟର ରବିବାର ଉଦ୍‌ଯାପନୀ ଉତ୍ସବରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଅନ୍ୟ ଅତିଥିମାନେ।

# ମା' ଲୋଭୀଙ୍କ ଯାତ୍ରା ଉଦ୍‌ଯାପିତ

ବଅଁରପାଳ,୪।୧୨
(ଉପେନ୍ଦ୍ର ରାଉତ)

ବଅଁରପାଳ ବ୍ଲକ ଗଡ଼ସନ୍ତ୍ରୀ ଓ ତୁଳସୀପାଳ ଗ୍ରାମର ପ୍ରତ୍ୟକ୍ଷ ଦେବୀ ମା' ଲୋଭୀଙ୍କ ଯାତ୍ରା ରବିବାର ଉଦ୍‌ଯାପିତ ହୋଇଛି। ମା'ତୁଳସୀପାଳ ଆଲମ ଘରକୁ ବାହୁଡିଛନ୍ତି। ପରମ୍ପରା ଅନୁଯାୟୀ ମା'ଙ୍କ ମୁହଁ ବନ୍ଧା ହୋଇଥିଲା। ଠାକୁରାଣୀଙ୍କୁ ନୂତନ ବସ୍ତ୍ର ପରିଧାନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ବହୁ ଭକ୍ତ ଏଠାରେ ଦର୍ଶନ କରିବାସହ ବହୁ ଶିଶୁଙ୍କ ମୁଣ୍ଡନ କରାଯାଇଥିଲା। ମୁହଁ ବନ୍ଧା ନ ହେଲେ ଅନିଷ୍ଟ ହୋଇଥାଏ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ପ୍ରଥମାଷ୍ଟମୀ ପୂର୍ବରୁ ମା'ଙ୍କ ମୁହଁ ବନ୍ଧା ନ ହେଲେ କେହି ଶିଶୁ ଅଷ୍ଟମୀ ପାଳନ କରି ନ ଥାନ୍ତି।

# ହାଇସ୍କୁଲରେ ବ୍ୟକ୍ତିତ୍ୱ ବିକାଶ କାର୍ଯ୍ୟକ୍ରମ



ସର୍ବପ୍ରିୟାନନ୍ଦ ସରସ୍ୱତୀଙ୍କୁ ଛାତ୍ରୀଛାତ୍ରମାନେ ସ୍ୱାଗତ କରୁଛନ୍ତି।

ଢେଙ୍କାନାଳ,୪।୧୨(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ବଣସିଂହ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ବ୍ୟକ୍ତିତ୍ୱ ବିକାଶ କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷୟିତ୍ରୀ ସୁଲେଖା ରାଉତଙ୍କ ସଭାପତିତ୍ୱରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପ୍ରଧାନ ଶିକ୍ଷକ ସଚିକାନ୍ତ ବିଶ୍ୱାଳଙ୍କ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ଚିନ୍ମୟ ମିଶନ ପକ୍ଷରୁ ସ୍ୱାମୀ ସର୍ବପ୍ରିୟାନନ୍ଦ ସରସ୍ୱତୀ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ନୈତିକ ଶିକ୍ଷା, ଆଧ୍ୟାତ୍ମିକ ଚେତନା, ସଫଳ ଜୀବନର ରହସ୍ୟ ଓ ଭଲ ମଣିଷ ହେବାର ସୂତ୍ର ବୁଝାଇଥିଲେ। ଶେଷରେ ଶିକ୍ଷୟିତ୍ରୀ ଯାମିନୀ ହୋତା ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।

# ଗୋରେଖ ନାଥ ମନ୍ଦିର ଭୂମିପୂଜନ

ପରଜଙ୍ଗ,୪।୧୨
(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଗେଙ୍ଗୁଟିଆ ପଞ୍ଚାୟତ ଗେଙ୍ଗୁଟିଆ ଗ୍ରାମରେ ବାବା ଗୋରେଖ ନାଥ ମନ୍ଦିରର ଭୂମିପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ହୋଇଥିଲା। ଅତିଥି ଭାବେ ବିଧାୟକ ଡାକ୍ତର ନୃସିଂହ ଚରଣ ସାହୁ ଯୋଗଦେଇ ମନ୍ଦିରର ଭୂମି ପୂଜନ କରିବା ସହ ବାବା ଗୋରେଖ ନାଥଙ୍କ ନିକଟରେ ଅଞ୍ଚଳବାସୀଙ୍କ ସୁଖସମୃଦ୍ଧି କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ ଅକ୍ଷୟ ବେହେରା, ଜିଲାପରିଷଦ ସଦସ୍ୟା ରୁନୁ ବର୍ମା, ଗେଙ୍ଗୁଟିଆ ସରପଞ୍ଚ ମାମାଲି ଜେନା, ଜନ୍ମେଶର ବର୍ମା, ଦିଲ୍ଲୀପ ବର୍ମା, ରବିନାରାୟଣ ସାହୁଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।



ବାବା ଗୋରେଖ ନାଥ ମନ୍ଦିରର ଭୂମିପୂଜନ କରୁଛନ୍ତି ବିଧାୟକ।

# ଛାତ୍ରୀଛାତ୍ରଙ୍କ ଜୀବନରେ କ୍ରୀଡ଼ାର ଭୂମିକା ଗୁରୁତ୍ୱପୂର୍ଣ୍ଣ



କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳିମାନେ।

ଭୁବନ,୪।୧୨(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ନୂଆ ଭୁବନ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପୁରସ୍କାର ବିତରଣ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭୁବନ ବାଜି ରାଉତ କଲେଜ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ବରିଷ୍ଠ ଅଧ୍ୟାପକ ଆଲୋକ ରଞ୍ଜନ ଷଡ଼ଙ୍ଗୀ ଯୋଗଦେଇ କହିଲେ, ଛାତ୍ରୀଛାତ୍ରଙ୍କ ଜୀବନରେ କ୍ରୀଡ଼ାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ପାଇଁ ଶିକ୍ଷା ସହିତ କ୍ରୀଡ଼ା ଜରୁରୀ। ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଖଗେଶ୍ୱର ବେହେରା, ଏବିଓ ପୁଷ୍ପାଞ୍ଜଳି ମିଶ୍ର, ସୁମତୀ ପ୍ରଧାନ, ରାଜଲକ୍ଷ୍ମୀ ଟୁଡୁ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିପିନ ବିହାରୀ ସେଠୀ ଅଧ୍ୟକ୍ଷତା କରିଥିଲେ। ସହକାରୀ ଶିକ୍ଷକ ପ୍ରଜିତ କିଶୋର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଭିନ୍ନ ବିଭାଗରେ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ପ୍ରତିଯୋଗିତାରେ ଯୋଗଦେଇଥିଲେ। ଧରିତ୍ରୀ ପ୍ରିୟଦର୍ଶିନୀ ମିଶ୍ର ଓ ପ୍ରଭାତ ନଳିନୀ ସାହୁ ପରିଚାଳନା କରିଥିଲେ। ଚଳିତ ବର୍ଷ ବରିଷ୍ଠ ବିଭାଗରେ ବାଳିକାଙ୍କ ମଧ୍ୟରେ ଦଶମ ଶ୍ରେଣୀ ଛାତ୍ରୀ ସ୍ୱାଧୀନ ସେଠୀ ଓ ବାଳକ ବିଭାଗରେ ଦଶମ ଶ୍ରେଣୀ ଛାତ୍ର ପ୍ରସାଦ ମଲିକ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। କନିଷ୍ଠ ବିଭାଗର ଅଷ୍ଟମ ଶ୍ରେଣୀ ଛାତ୍ରୀ ମଧୁସ୍ମିତା ମଲିକ ଓ ବାଳକ ବିଭାଗରେ ରୋସନ ସାହୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ।

# ଶିକ୍ଷା ଅଧିକାରୀଙ୍କୁ ଅବସର ସମ୍ବର୍ଦ୍ଧନା

ସାତମାଇଲ,୪।୧୨
(ସୁଶାନ୍ତ କୁମାର ପତି)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ହୃଦାନନ୍ଦ ଦ୍ୱିବେଦୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଆୟୋଜିତ ସଭାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର କାଲୋ ସଭାପତିତ୍ୱ କରି କହିଲେ, ଢେଙ୍କାନାଳ ଜିଲାରେ ପ୍ରଥମ ଥର ପାଇଁ ଅବସରଗ୍ରହଣ ଦିନ ଦ୍ୱିବେଦୀଙ୍କୁ ତାଙ୍କର ଅବସର ବକେୟା, ସମସ୍ତ ପ୍ରାପ୍ୟ ସହ ପେନ୍‌ସନର ଅର୍ଡର ପ୍ରଦାନ କରାଯାଇଛି। କଣ୍ଟ୍ରୋଲର ଅଫ ଆକାଉଣ୍ଟସ ଅଶୋକ କୁମାର ମହାନ୍ତିଙ୍କ ପଦକ୍ଷେପ ଯୋଗୁ ରାଜ୍ୟରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନର ପ୍ରାକ୍ତନ ରାଜ୍ୟ ସଭାପତି ହୃଦାନନ୍ଦ ଦ୍ୱିବେଦୀଙ୍କ ସହିତ ରାଜ୍ୟରେ ଅନ୍ୟାନ୍ୟ ଜିଲାରୁ ୨୩ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ମଧ୍ୟ ସମସ୍ତ ପ୍ରାପ୍ୟ ସହିତ ପେନ୍‌ସନ କାଗଜ ପ୍ରଦାନ କରାଯାଇଛି। ଦ୍ୱିବେଦୀ ଜଣେ କର୍ତ୍ତବ୍ୟ ନିଷ୍ଠ ଅଧିକାରୀ ଭାବେ ପରିଚିତ ଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ କର୍ମଚାରୀ, ଏବିଓ, ସିଆର୍‌ସି ଉପସ୍ଥିତ ଥିଲେ।



ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଉଛି।

# ଏଡ୍‌ସ ଦିବସରେ ସଚେତନତା ବାର୍ତ୍ତା

ତାଳଚେର,୪।୧୨(ମନୋଜ ନନ୍ଦ)

ସେଣ୍ଟ ଜନ ଆମ୍ବୁଲାନ୍ସ ଓଡ଼ିଶା ଶାଖା ଏମ୍‌ସିଏଲ୍ ଆମ୍ବୁଲାନ୍ସ ଡିଭିଜନ ତରଫରୁ ବିଶ୍ୱ ଏଡ୍‌ସ ଦିବସ ଅବସରରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏମ୍‌ସିଏଲ୍ ଆମ୍ବୁଲାନ୍ସ ଡିଭିଜନର ଡିଭିଜନାଲ କମାଣ୍ଡର ଦୀନବନ୍ଧୁ ପ୍ରଧାନ, ନେହେରୁ ଶତାବ୍ଦୀ ସେଣ୍ଟ୍ରାଲ ହସ୍ପିଟାଲର ସିଏମ୍‌ଏସ. ଡ. ଅଶୋକ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ପବିତ୍ରମୋହନ ପ୍ରଧାନ ମେଡିକାଲ କଲେଜ ହସ୍ପିଟାଲଠାରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ହାଣ୍ଡିଧୁଆ ପର୍ଯ୍ୟନ୍ତ ଯାଇଥିଲା। ଶୋଭାଯାତ୍ରା ସମୟରେ ଜନସାଧାରଣଙ୍କୁ ବିଭିନ୍ନ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା। ହାଣ୍ଡିଧୁଆଠାରେ ପ୍ରଶାସନ ତରଫରୁ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇ ପୁଣି ଶୋଭାଯାତ୍ରାରେ ଆସି ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପହଞ୍ଚିଥିଲେ। ଏହି ଅବସରରେ ଏମ୍‌ସିଏଲ୍ ଆମ୍ବୁଲାନ୍ସ ଡିଭିଜନକୁ ଉପଜିଲାପାଳ ମାନପତ୍ର ପ୍ରଦାନ କରିଥିଲେ।




ବିଶ୍ୱ ଏଡ୍‌ସ ଦିବସ ଅବସରରେ ଏକ ସଚେତନତା ଶୋଭାଯାତ୍ରା।

# ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଲୁକ୍କାୟିତ ପ୍ରତିଭାର ଅଧିକାରୀ

ଢେଙ୍କାନାଳ,୪।୧୨(ରତନ ନାୟାର)

ଢେଙ୍କାନାଳ ସୌଦାମିନୀ ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ସଦର ବିଇଓ ବ୍ରହ୍ମାନନ୍ଦ ରାଉତ ମୁଖ୍ୟ ଅତିଥି, ସଦର ବିଆର୍‌ସିସି ଦେବବ୍ରତ ନାଥ ଓ ଏବିଇଓ ଶତ୍ରୁଘ୍ନ ଖଣ୍ଡା ପ୍ରମୁଖ ସମ୍ମାନିତ ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନେ ବହୁ ଲୁକ୍କାୟିତ ପ୍ରତିଭାର ଅଧିକାରୀ। ସେମାନଙ୍କ ପ୍ରତିଭାକୁ ଚିହ୍ନଟ କରି ଆବଶ୍ୟକ ସୁବିଧା ସୁଯୋଗ ପ୍ରଦାନ କଲେ ସେମାନେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ଟ୍ରଫି ପ୍ରଦାନ କରିଥିଲେ। କ୍ରୀଡ଼ା ଶିକ୍ଷକ ସୌଦାମିନୀ ଦଳେଇ, ଅଚ୍ୟୁତାନନ୍ଦ ସାହୁ, ଦୀପ୍ତି କୁମାର ମହାରଣା ଓ ଗିରିଶ ଦାସ ପ୍ରମୁଖ ପରିଚାଳନା କରିଥିଲେ। ଗୋଷ୍ଠୀ ସମ୍ବଳ ଶିକ୍ଷୟିତ୍ରୀ ଇତିଶ୍ରୀ ମହାନ୍ତି, ବୀଣାପାଣି ସେନାପତି, ଶିକ୍ଷକ ବିକାଶ ଜେନା, ବିଚ୍ଛନ୍ଦ ବେହେରା, କାଳନ୍ଦୀ ଦେବତା, ନୃସିଂହ ପତି, ବିଷ୍ଣୁ ମଲ୍ଲିକ ଓ ସଦର ବ୍ଲକର ସମସ୍ତ ସିଆର୍‌ସିସି ସହଯୋଗ କରିଥିଲେ।



ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା।

# ଆଜି ରାଜ୍ୟପାଳଙ୍କ ଢେଙ୍କାନାଳ ଗସ୍ତ

## କପିଳାସ ମନ୍ଦିର ଦର୍ଶନ କରିବେ, ସକାଳ ସାଢ଼େ ୮ଟାରୁ ସର୍ବସାଧାରଣ ଦର୍ଶନ ବନ୍ଦ

ଢେଙ୍କାନାଳ,୪।୧୨(ରତନ ନାୟାର)

ରାଜ୍ୟପାଳ ରଘୁବର ଦାସ ମଙ୍ଗଳବାର ପୂର୍ବାହ୍ନରେ ଢେଙ୍କାନାଳ ଗସ୍ତରେ ଆସି କପିଳାସ ପୀଠରେ ପୂର୍ବାହ୍ନ ସାଢ଼େ ୧୦ଟାରେ ମହାପ୍ରଭୁ ଶ୍ରୀଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କ ଦର୍ଶନ କରିବେ। ସୁରକ୍ଷା ଓ ଶାନ୍ତିଶୃଙ୍ଖଳା ରକ୍ଷା ଦୃଷ୍ଟିରୁ ମଙ୍ଗଳବାର ସକାଳ ସାଢ଼େ ୮ଟାରୁ ପୂର୍ବାହ୍ନ ୧୧ଟା ମଧ୍ୟରେ କପିଳାସ ପୀଠରେ ସର୍ବସାଧାରଣଙ୍କ ଦର୍ଶନ ବନ୍ଦ ରହିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ଜଣାଇ ଦିଆଯାଇଛି। ଏଥିସହିତ ଏହି ସମୟ ମଧ୍ୟରେ ଜନସାଧାରଣ ଦର୍ଶନ କରିବାକୁ ନ ଆସିବା ପାଇଁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଅପରାହ୍ନରେ ରାଜ୍ୟପାଳ ବିଶ୍ୱ ପ୍ରସିଦ୍ଧ ମହିମା ଧର୍ମର ପୀଠ ମହିମାଗାଦି ଯୋରନ୍ଦା ପରିଦର୍ଶନରେ ଯିବାର କାର୍ଯ୍ୟସୂଚୀ ରହିଛି।

# ଜାତୀୟ ରାଜପଥ କାର୍ଯ୍ୟ ବିଳମ୍ବ ନେଇ ଚିନ୍ତା

## କେନ୍ଦ୍ର ସରକାରଙ୍କୁ ଚେତାବନୀ ଦେଲେ ଏମ୍‌ପି

ଢେଙ୍କାନାଳ,୪।୧୨(ରତନ ନାୟାର)



ଶୀତକାଳୀନ ଅଧିବେଶନରେ ଏମ୍‌ପି ମହେଶ ସାହୁ ଲୋକ ସଭାରେ ଜାତୀୟ ରାଜପଥକୁ ନେଇ ପ୍ରଶ୍ନ ଉଠାଉଛନ୍ତି।

ସଂସଦର ଚଳିତ ଶୀତକାଳୀନ ଅଧିବେଶନର ପ୍ରଥମ ଦିବସରେ ଢେଙ୍କାନାଳ ଓ ଅନୁଗୋଳ ଜିଲା ଦେଇ ଯାଇଥିବା ୧୪୯, ୫୩ ଓ ୫୫ନଂ ଜାତୀୟ ରାଜପଥର ଉନ୍ନତୀକରଣ କାର୍ଯ୍ୟରେ ଅହେତୁକ ବିଳମ୍ବକୁ ନେଇ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଚିନ୍ତା ପ୍ରକଟ କରିବା ସହିତ ଅସନ୍ତୋଷ ବ୍ୟକ୍ତ କରିଥିଲେ। କେନ୍ଦ୍ର ସରକାର ଏହାକୁ ଗୁରୁତ୍ୱର ସହିତ ଅନୁଭବ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ଅନୁରୋଧ କରିବା ସହିତ ଚେତାବନୀ ଦେଇଥିବା ଏମ୍‌ପିଙ୍କ ବ୍ୟକ୍ତିଗତ ସଚିବ ମାତୃ ପ୍ରସାଦ ମିଶ୍ର ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି।

ପାଲଲହଡ଼ାଠାରୁ କେନ୍ଦୁଝରମଧ୍ୟରେ ଥିବା ୧୪୯, ପିତିରିଠାରୁ ପରଜଙ୍ଗ, କାମାକ୍ଷାନଗର, ଭୁବନ ଦେଇ ୫୩ନଂ ଜାତୀୟ ରାଜପଥ ଓ କଟକଠାରୁ ଢେଙ୍କାନାଳ, ଅନୁଗୋଳ ଦେଇ ସମ୍ବଲପୁର ପର୍ଯ୍ୟନ୍ତ ଯାଇଥିବା ୫୫ନଂ ଜାତୀୟ ରାଜପଥର ଉନ୍ନତୀକରଣ କାର୍ଯ୍ୟରେ ଅହେତୁକ ବିଳମ୍ବ ହୋଇଛି। ଏହାକୁ ନେଇ ଏମ୍‌ପି ସାହୁ ଲୋକ ସଭାରେ ପ୍ରଶ୍ନ ଉଠାଇ କହିଛନ୍ତି, ଜାତୀୟ ରାଜପଥ କାମ ସମ୍ପୂର୍ଣ୍ଣ ନ ହେବା ପୂର୍ବରୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ତରବରିଆ ଭାବେ ୫୩ନଂ ଜାତୀୟ ରାଜପଥକୁ କେନ୍ଦ୍ର ଗୃହମନ୍ତ୍ରୀ ଉଦ୍‌ଘାଟନ କରିଦେଲେ। ଉକ୍ତ ରାସ୍ତାରେ ବହୁ କାମ ଏବେ ମଧ୍ୟ ବାକି ରହିଛି। ଦେଶର ବିକାଶ ପାଇଁ ଢେଙ୍କାନାଳ ଲୋକ ସଭା କ୍ଷେତ୍ର ବର୍ଷକୁ ୧ ହଜାର କୋଟି ଟଙ୍କା ଦେଉଥିବା ବେଳେ ଉକ୍ତ ଅଞ୍ଚଳରେ ବିକାଶ ପରିବର୍ତ୍ତେ ସଡ଼କ ଦୁର୍ଘଟଣାରେ ୩୨୬ ଜଣଙ୍କ ମୃତ୍ୟୁ ହେଲାଣି। ପିତିରି ଠାରୁ ତୁବୁରି ରାସ୍ତାକୁ ତରବରିଆ ଭାବେ ଲୋକାର୍ପଣ କରାଯାଇଥିବା ବେଳେ ଉକ୍ତ ରାଜପଥରେ ବ୍ରାହ୍ମଣୀ ଓ ରାମିଆଳ ନଦୀଠାରେ ପୋଲ ନିର୍ମାଣ ଓ ପିତିରି ଠାରେ ଅଣ୍ଡରପାସ୍ କାମ ମଧ୍ୟ ଶେଷ ହୋଇନାହିଁ। ଏହି ୩ଟି ଜାତୀୟ ରାଜପଥ କାମ ୨୦୨୪ ମାର୍ଚ୍ଚ ମାସ ସୁଦ୍ଧା ଶେଷହେବ ବୋଲି କେନ୍ଦ୍ର ସରକାରଙ୍କ ବିଭାଗୀୟ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ରାଜପଥ ଉନ୍ନତୀକରଣ କାର୍ଯ୍ୟ ଅନୁଧ୍ୟାନ କଲେ ତାହା ସମ୍ଭବ ନୁହେଁ ବୋଲି ଏମ୍‌ପି କହିଛନ୍ତି। ଏହି ରାଜପଥଗୁଡ଼ିକର ଉନ୍ନତୀକରଣ କାର୍ଯ୍ୟ ୨୦୨୪ ପରିବର୍ତ୍ତେ ୨୦୨୫ ମସିହା ମାର୍ଚ୍ଚ ସୁଦ୍ଧା ସରିବକି ନାହିଁ, ତାହା ଏବେ ପ୍ରଶ୍ନବାଚୀ। ଏହି ଲୋକ ସଭା କ୍ଷେତ୍ରରୁ କେନ୍ଦ୍ର ସରକାର ପାଉଥିବା ରାଜସ୍ୱର ସ୍ୱଳ୍ପ ଅନୁଦାନରେ ଢେଙ୍କାନାଳ ସଂସଦୀୟ କ୍ଷେତ୍ରରେ ଅଧିକ ଉନ୍ନତି ହୋଇପାରନ୍ତା। କିନ୍ତୁ ସରକାର ଏହି ବାବଦରେ କୌଣସି ପ୍ରକାର ନଜର ଦେଉନାହାନ୍ତି ବୋଲି ଏମ୍‌ପି କହିଛନ୍ତି।

# ବିଜୟ ଉତ୍ସବ ପାଳନ କଲା ଭାଜପା

ଢେଙ୍କାନାଳ,୪।୧୨(ରତନ ନାୟାର)

ବିଧାନସଭା ନିର୍ବାଚନରେ ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଛତିଶଗଡରେ ଭାଜପାର ବିପୁଳ ବିଜୟ ପରେ ଢେଙ୍କାନାଳ ଭାଜପା ପକ୍ଷରୁ ସୋମବାର ସନ୍ଧ୍ୟାରେ ବିଜୟ ଉତ୍ସବ ପାଳନ କରାଯାଇଛି। ପୂର୍ବତନ ବିଧାୟକ ତଥା ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କୃଷ୍ଣଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ସ୍ଥାନୀୟ ଗୋପବନ୍ଧୁ ଟାଉନ୍ ହଲ୍ ସମ୍ମୁଖରେ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତାମାନେ ଏକତ୍ରିତ ହୋଇ ବାଜା ବଜାଇ, ବାଣ ଫୁଟାଇବା ସହ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ପରସ୍ପରଙ୍କୁ ମିଠା ବାଣ୍ଟି ବିଜୟ ଉତ୍ସବ ପାଳିଥିଲେ। କାର୍ଯ୍ୟକ୍ରମରେ ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ରାଜ୍ୟ କୃଷକ ମୋର୍ଚ୍ଚା ପୂର୍ବତନ ଉପସଭାପତି ରାମଚନ୍ଦ୍ର ପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିରୋଜ ନଳିନୀ ମହାଲିକ, ଜିଲା ମିଡିଆ ପ୍ରଭାରୀ ନବକିଶୋର ଗୁରୁ, ସନାତନ ବେହେରା, ଲକ୍ଷ୍ମୀଧର ଦଳେଇ, ସତ୍ୟରଞ୍ଜନ ଭୂୟାଁ, ଧ୍ରୁବଚରଣ ସ୍ୱାଇଁ, ନିରୋଦ କୁମାର ସାହୁ, ସସ୍ମିତା ସାମଲ, ଅନିତା ଦାସ, ମଧୁସ୍ମିତା ପୁହାଣ, ରମେଶ ଚନ୍ଦ୍ର ସାମଲ, ଶିବ ପ୍ରସାଦ ସାହୁ, ଦୀପକ ପ୍ରସାଦ ପଟ୍ଟନାୟକ, ନିରଞ୍ଜନ ଦାସ, ବିଭୁତି ଭୂଷଣ ଷଣ୍ଢ, ସୁଚିତ୍ର ବେହେରାଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ବିଜୟ ଉତ୍ସବରେ ସାମିଲ ହୋଇଥିଲେ।


ଭାଜପା ପକ୍ଷରୁ ବିଜୟ ଉତ୍ସବ ପାଳନ କରାଯାଉଛି।

# ସ୍ୱାମୀଙ୍କ ଫାଉଡ଼ା ମାଡ଼ରେ ସ୍ତ୍ରୀ ମୃତ


ପ୍ରତାପ କୁମାର,


କଲ୍ୟାଣୀ ସ୍ୱାଇଁ।

ଢେଙ୍କାନାଳ,୪।୧୨(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା ସରଖିଆ ଗ୍ରାମରେ ଜମି ବିକ୍ରିକୁ ନେଇ ସୋମବାର ପାରିବାରିକ କଳହରୁ ଏକ ହତ୍ୟାକାଣ୍ଡ ଘଟିଛି। ଗ୍ରାମର ପ୍ରତାପ କୁମାର ସ୍ୱାଇଁ(୬୦)ଙ୍କ ଫାଉଡା ମାଡ଼ରେ ସ୍ତ୍ରୀ କଲ୍ୟାଣୀ ସ୍ୱାଇଁ(୫୫)ଙ୍କ ମୃତ୍ୟୁ ଘଟିଛି। ଖବରପାଇ ସଦର ପୋଲିସ ଗ୍ରାମରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଦେଇଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ହେବ। ପ୍ରକାଶ ଯେ, ଜମି ବିକ୍ରିକୁ ନେଇ ଦମ୍ପତିଙ୍କ ମଧ୍ୟରେ ପୂର୍ବରୁ ଝଗଡ଼ା ଲାଗିଥିଲା। ସୋମବାର ଜମି ବ୍ରକି ପାଇଁ ସ୍ୱାମୀ ପ୍ରତାପ ଜିଦ୍ କରିଥିଲେ ହେଁ ସ୍ତ୍ରୀ କଲ୍ୟାଣୀ ରାଜି ହୋଇ ନ ଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ପ୍ରତାପ ଗୁହାଳ ଭିତରେ ଏକ ଫାଉଡାରେ ପିଟି କଲ୍ୟାଣୀଙ୍କୁ ହତ୍ୟା କରିଥିଲେ। ପୋଲିସ ଅଭିଯୁକ୍ତ ସ୍ୱାମୀ ପ୍ରତାପଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। ଘଟଣାରେ ବ୍ୟବହୃତ ରକ୍ତଭିଜା ଫାଉଡାକୁ ମଧ୍ୟ ଜବତ କରିଛି। ସଦର ଥାନାରେ ନଂ–୯୯୯/୨୩ରେ ଏକ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ପ୍ରଦୀପ କୁମାର ପ୍ରଧାନଙ୍କ ସୂଚନାରୁ ଜଣାପଡିଛି। ଏହି ଘଟଣା ସରଖିଆ ଗ୍ରାମରେ ଆଲୋଚନାର ବିଷୟ ହୋଇଛି।

# ବିପର୍ଯ୍ୟୟ ପରିଚାଳନା ମକ୍‌ଡ୍ରିଲ



ଶ୍ରୀମୂଳା ସ୍ୱାସ୍ଥ୍ୟକେନ୍ଦ୍ରରେ ରାସାୟନିକ ବିପର୍ଯ୍ୟୟ ନିରାକରଣ ଦିବସ।

ଢେଙ୍କାନାଳ,୪।୧୨(ରତନ ନାୟାର)

ରାସାୟନିକ ବିପର୍ଯ୍ୟୟ ନିରାକରଣ ଦିବସ ଅବସରରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ କାମାକ୍ଷାନଗର ବ୍ଲକର ଶ୍ରୀମୂଳା ସ୍ୱାସ୍ଥ୍ୟ ଓ ଆରୋଗ୍ୟକେନ୍ଦ୍ର ଠାରେ ଅଗ୍ନିଶମ ବିଭାଗ, ଜିଲା ପ୍ରଶାସନ ଓ ଶୋଭାର ମିଳିତ ଉଦ୍ୟମରେ ଏକ ବିପର୍ଯ୍ୟୟ ପରିଚାଳନା ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ବିପର୍ଯ୍ୟୟର ସଫଳ ମୁକାବିଲା ପାଇଁ ପ୍ରସ୍ତୁତି ଏବଂ ଏଥିନିମନ୍ତେ ଆବଶ୍ୟକ କୌଶଳ ସମ୍ବନ୍ଧରେ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ଓ ସ୍ୱେଚ୍ଛାସେବୀମାନଙ୍କୁ ତାଲିମ ଦିଆଯାଇଥିଲା। ଅଗ୍ନିଶମ ବିଭାଗ କର୍ମଚାରୀ ବିଭିନ୍ନ ଆପତକାଳୀନ ଉପକରଣ ଓ ବିପର୍ଯ୍ୟୟ ସମୟରେ ଉଦ୍ଧାରର କୌଶଳ ପରିଦର୍ଶନ ସହ ମକ୍‌ଡ୍ରିଲ କରିଥିଲେ। ଏଥିରେ ଜିଲା ଆପତକାଳୀନ ଅଫିସର ସଙ୍ଗୀତା ଦାସ, ଶୋଭା ନିର୍ଦ୍ଦେଶକ ଉଦୟେନ୍ଦୁ ମିଶ୍ର, କାମାକ୍ଷାନଗର ଫାୟାର ଅଫିସର କାହ୍ନୁ ଚରଣ ସ୍ୱାଇଁ, ଫାୟାରମ୍ୟାନ ଗୁରୁଚରଣ ସାହୁ, ପ୍ରତାପ କୁମାର ସ୍ୱାଇଁ, ବନଜ କୁମାର ବେହେରା ପ୍ରମୁଖ ଯୋଗଦେଇ ଗୋଷ୍ଠୀସ୍ତରୀୟ ତାଲିମ ଓ ଉଦ୍ୟମ ସବୁବେଳେ ସଫଳ ହୋଇଥାଏ ବୋଲି ମତଦେଇଥିଲେ। ଶୋଭା ଅନୁଷ୍ଠାନର ପ୍ରୋଗ୍ରାମ ମ୍ୟାନେଜର ପ୍ରଶାନ୍ତ ଦାସ ଓ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ପ୍ରଥମ ଦିଗଲ ମେମୋରିଆଲ କ୍ରିକେଟ ଉଦ୍‌ଘାଟିତ

ଢେଙ୍କାନାଳ,୪।୧୨(ରତନ ନାୟାର)

ଢେଙ୍କାନାଳ ବ୍ରଜନାଥ ବଡ଼ଜେନା ହାଇସ୍କୁଲ ଖେଳ ପଡିଆଠାରେ ପ୍ରଥମ ଦିଗଲ ମେମୋରିଆଲ କ୍ରିକେଟ ପ୍ରତିଯୋଗିତା ରବିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ରଜନାଥ ବଡଜେନା ଉଚ୍ଚ ବିଦ୍ୟାଳୟର ବ୍ରହ୍ମୋତ୍ରୀ ବିଶ୍ୱାଳ ଓ ଟାଉନ ଥାନା ଅଧିକାରୀ ରାଜେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ୧୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ଫାଇନାଲ ମ୍ୟାଚ ଆସନ୍ତା ୧୦ ତାରିଖରେ ଅନୁଷ୍ଠିତ ହେବ।


ଖେଳାଳିଙ୍କ ସହ ଅତିଥି ପରିଚିତ ହେଉଛନ୍ତି।

# ଏଚ୍‌ଆଇଭି ନିରାକରଣ ଉପରେ ଆଲୋକପାତ

ଢେଙ୍କାନାଳ,୪।୧୨(ରତନ ନାୟାର)

ବିଶ୍ୱ ଏଡ୍‌ସ ଦିବସ ପାଳନ ଅବସରରେ ଆରୋଗ୍ୟମ୍ ଯୋଗ ଏବଂ ୱେଲଫେୟାର ଆସୋସିଏଶନ (ଆଇୱା)ର କର୍ମକର୍ତ୍ତାମାନଙ୍କ ଦ୍ୱାରା କୁଞ୍ଜକାନ୍ତସ୍ଥିତ ଚନ୍ଦ୍ରଶେଖର ଆଇଟିଆଇ ଠାରେ ଏଡ୍‌ସ ସମ୍ବନ୍ଧୀୟ ଏକ ଜନସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଚନ୍ଦ୍ରଶେଖର ଆଇଟିଆଇ ଅଧ୍ୟକ୍ଷା ସସ୍ମିତା ଦାସଙ୍କ ସମେତ ସମସ୍ତ ଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ, ଅନୁଷ୍ଠାନର ଅନ୍ୟ ସହକର୍ମୀ ଏବଂ ଆଇୱାର ନିର୍ଦ୍ଦେଶିକା ଅନସୂୟା ମିଶ୍ର, ସମ୍ପାଦକ ପ୍ରଭାସ ଚନ୍ଦ୍ର ପାଢ଼ୀ, କୋଷାଧ୍ୟକ୍ଷ ତଯୁବ ଅନସାରୀ ପ୍ରମୁଖ ଉପସ୍ଥିତ ରହି ଏଚଆଇଭି ସଂକ୍ରମଣ ଓ ନିରାକରଣ ଉପରେ ଆଲୋକପାତ କରିଥିଲେ। ନିୟମିତ ଯୋଗ ଅଭ୍ୟାସ ଦ୍ୱାରା କିପରି ଶାରୀରିକ ଓ ମାନସିକ ସୁସ୍ଥତା ପାଇହେବା ସଙ୍ଗେ ସଙ୍ଗେ ବୌଦ୍ଧିକ ବିକାଶ କରିପାରିବା ସେ ବିଷୟରେ ଆଲୋଚନା କରିଥିଲେ। ପ୍ରଭାସ ଚନ୍ଦ୍ର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।



ବିଶ୍ୱ ଏଡ୍‌ସ ଦିବସ ପାଳନ ଅବସରରେ ଜନସଚେତନତା କାର୍ଯ୍ୟକ୍ରମ।

# ଭସାଣିକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ

ଢେଙ୍କାନାଳ,୪।୧୨(ରତନ ନାୟାର)

ଢେଙ୍କାନାଳ ସହର କାଞ୍ଚନ ବଜାର ଅଞ୍ଚଳରେ ଥିବା ଏକ ସାହିରେ ରବିବାର ରାତିରେ କାର୍ତ୍ତିକ ମେଢ଼ ଭସାଣିକୁ ନେଇ ଦୁଇଗୋଷ୍ଠୀ ଯୁବକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ପଥରମାଡ଼ ହେବାରୁ ଉତ୍ତେଜନା, ରାସ୍ତାରୋକୋ ହୋଇଥିଲା। ଖବରପାଇ ଟାଉନ ଥାନା ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଏହି ଘଟଣାରେ ଟାଉନ ଥାନାରେ ନଂ. ୯୧୮ ଓ ରାସ୍ତାରୋକୋକୁ ନେଇ ପୋଲିସ ପକ୍ଷରୁ ରିପୋର୍ଟ ଅନୁଯାୟୀ ୯୧୯/୨୩ରେ ମାମଲା ରୁଜୁ କରାଯାଇଛି। ଏହି ଘଟଣାରେ ୬ଜଣଙ୍କୁ ଗିରଫ କରାଯାଇଛି। ଗିରଫଙ୍କ ମଧ୍ୟରେ ଆନନ୍ଦ ବଜାର ଅଞ୍ଚଳରୁ ୪ଜଣ ଓ କାଞ୍ଚନ ବଜାର ଅଞ୍ଚଳରୁ ୨ଜଣ ରହିଥିବା ଟାଉନ ଥାନା ପୋଲିସ ସୂତ୍ରରୁ ସୂଚନା ମିଳିଛି। ୨ଟିଯାକ ମାମଲା ଏସ୍‌ସିଏସ୍‌ଟି ଦଫା ଆଧାରରେ କରାଯାଇଥିବା ଟାଉନ ଥାନା ଅଧିକାରୀ ରାଜେନ୍ଦ୍ର ମହାପାତ୍ରଙ୍କ ସୂଚନାରୁ ଜଣାପଡିଛି।

# ୧୫୦ ଜଣଙ୍କ ନିଃଶୁଳ୍କ ଦନ୍ତ ଚିକିତ୍ସା

ଢେଙ୍କାନାଳ,୪।୧୨(ରତନ ନାୟାର)

ଢେଙ୍କାନାଳ ବଜରଙ୍ଗ କ୍ଲବ ଓ ସମ୍ ହସ୍ପିଟାଲ୍ ସହଯୋଗରେ ସଦର ବ୍ଲକ କଙ୍କଡ଼ାହାଡ଼ ଠାରେ ଏକ ନିଃଶୁଳ୍କ ଦନ୍ତ ଚିକିତ୍ସା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ବଜରଙ୍ଗ କ୍ଲବ କଙ୍କଡ଼ାହାଡ଼ ଶାଖା ତରଫରୁ ଆୟୋଜିତ ଏହି ଶିବିରକୁ ସମ୍ ହସ୍ପିଟାଲ୍ ଭୁବନେଶ୍ୱରର ୨୦ଜଣିଆ ଅଭିଜ୍ଞ ଦନ୍ତ ବିଶେଷଜ୍ଞ ଓ ଟେକ୍ନିସିଆନ ପରିଚାଳନା କରିଥିଲେ। ଆଖପାଖ ୩ଟି ପଞ୍ଚାୟତରୁ ପ୍ରାୟ ୧୫୦ ଜଣରୁ ଅଧିକ ଜନସାଧାରଣଙ୍କୁ ବିନାମୂଲ୍ୟରେ ଦନ୍ତ ଚିକିତ୍ସା ସହ ପରାମର୍ଶ ଓ ଔଷଧ, ଟୁଥ୍‌ପେଷ୍ଟ ପ୍ରଦାନ କରାଯାଇଥିଲା। ଏହି ଶିବିରରେ ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ, ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ପୌର ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର, ଅନୁଗୋଳ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ. ନିର୍ଦ୍ଦେଶକ ନରୋତ୍ତମ ସାହୁ, କାଉନସିଲର ଶୁଭଲକ୍ଷ୍ମୀ ସାହୁ, ସନ୍ଦୀପ ଷଡଙ୍ଗୀ, ସରପଞ୍ଚ କୁନି ନାୟକ, ବିଧାୟକଙ୍କ ପୌରାଞ୍ଚଳ ପ୍ରତିନିଧି ଅଜୟ କୁମାର ଭଞ୍ଜ, ପବିତ୍ର ମହାରଣା, ସମିତିସଭ୍ୟ ରାଧା ବେହେରା, ମଙ୍ଗଳପୁର ସରପଞ୍ଚ ଲିନା ଦାସ ଓ ସମିତି ସଭ୍ୟ ପ୍ରଶାନ୍ତ ବେହେରା ଉପସ୍ଥିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବ କଙ୍କଡାହାଡ ଶାଖା ସଭାପତି ଜିତେନ୍ଦ୍ର ବେହେରା, ଉପସଭାପତି ଅଜିତ ମହାରଣା, ସମ୍ପାଦକ ବିଶ୍ୱଜିତ ବେହେରା, କୋଷାଧ୍ୟକ୍ଷ ଦେବୀ ପ୍ରସାଦ ସାହୁ, ବରିଷ୍ଠ ସଦସ୍ୟ ଜ୍ୟୋତି ରଞ୍ଜନ ବେହେରା, ପ୍ରକାଶ ବେହେରା, ନିର୍ମଳ ବେହେରା, ଶାନ୍ତନୁ ବେହେରା, ରାମ ଗୋବିନ୍ଦ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ସମ୍ ହସ୍ପିଟାଲ୍‌ର ଦନ୍ତ ଚିକିତ୍ସକ ଡା. ରାଧା ପ୍ରସନ୍ନ ଦଳେଇ, ଡା. ସୌରଭ ଚନ୍ଦ୍ର ବିଦ୍ୟାସାଗର ବଳ, ଡା. ସୁଦୀପ୍ତ ସାହୁ, ଡା. ସ୍ୱାତୀ ଦାସ, ଡା. ରାଜୀବ ପରିଡା, ଡା. ଅରୋମା ସାଗର ଗୌଡ, ଡା. ଶ୍ରଦ୍ଧାଞ୍ଜଳି ପାତ୍ର, ଡା. ତନ୍ମିସା ମିଶ୍ର, ଡା. ପ୍ରତୀକ୍ଷା, ଡା. ତୁଲ୍ଲୀ ଦତ୍ତ, ଡା. ଅମନ୍ କୁମାର ବର୍ମା, ଡା. ତଥିର ରିଜ୍ୱି, ଡା. ଦେବାଶିଷ ରାଉତ ଓ ଆଟେଣ୍ଡାଣ୍ଟ ସରୋଜ ମଲ୍ଲିକ ପ୍ରମୁଖ ଶିବିର ପରିଚାଳନା କରିଥିଲେ।


ଶିବିରରେ ଉପସ୍ଥିତ ଦନ୍ତ ବିଶେଷଜ୍ଞ ଓ ଟେକ୍ନିସିଆନଙ୍କ ସହିତ ଅନ୍ୟମାନେ।

# ରାଧାନାଥ, ରମାଦେବୀ ଓଡ଼ିଶାର ସ୍ୱାଭିମାନ

ଢେଙ୍କାନାଳ,୪।୧୨(ରତନ ନାୟାର)

ଢେଙ୍କାନାଳ ଉଫୁନା ପକ୍ଷରୁ ଡ. ରାଧାନାଥ ରଥ ଓ ରମା ଦେବୀଙ୍କ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ଡ. ରାଧାନାଥ ରଥ ଫାଉଣ୍ଡେଶନ ଟ୍ରଷ୍ଟ ଓ ଜିଲା ସର୍ବୋଦୟ ମଣ୍ଡଳ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସିବିଆଇ ବିଚାରପତି ଭିକାରୀ ଚରଣ ରାଉତ ଯୋଗଦେଇ କହିଲେ ଯେ, ଡ. ରାଧାନାଥ ରଥ ଓ ରମାଦେବୀ ଓଡ଼ିଶାର ସ୍ୱାଭିମାନ। ଅନ୍ୟମାନଙ୍କ ମଧ୍ୟରେ ପରିବେଶବିତ୍ ଉପେନ୍ଦ୍ର ରାଉତ, ସମାଜବାଦୀ ନେତା ସରୋଜ ଶତପଥୀ, ଉଫୁନାର ସର୍ବଭାରତୀୟ ସଭାପତି ମନୋରଞ୍ଜନ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଡ. ରଥ ଓ ରମାଦେବୀଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଡମ୍ବରୁଧର ପଣ୍ଡା ସ୍ୱାଗତ ଭାଷଣ ଓ ପୀତବାସ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ତରୁଣ କୁମାର ବିଶ୍ୱାଳ, ଗୋକୁଳ ପ୍ରସାଦ ପଣ୍ଡା, ପ୍ରସାଦ ପଟ୍ଟନାୟକ, ଦେବ ମିଶ୍ର, ବିପିନ ବେହେରା, ଚିତ୍ତରଞ୍ଜନ ମହାନ୍ତି, ଅବିନାଶ ଦାସ ଓ ସମୀର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ରାଧାନାଥ ରଥ ଓ ରମାଦେବୀଙ୍କ ଜୟନ୍ତୀ ଅବସରରେ ମଞ୍ଚାସୀନ ଅତିଥିମାନେ।

# ଟାଟାଷ୍ଟିଲ ପକ୍ଷରୁ ୨୦୪ ୟୁନିଟ୍ ରକ୍ତ ସଂଗ୍ରହ


ଟାଟାଷ୍ଟିଲ ପକ୍ଷରୁ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରାଯାଉଛି।

ଢେଙ୍କାନାଳ,୪।୧୨(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ନରେନ୍ଦ୍ରପୁରସ୍ଥିତ ଟାଟାଷ୍ଟିଲ ମେରାମଣ୍ଡଳୀ ପକ୍ଷରୁ ସୋମବାର କାରଖାନା ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। କର୍ମଚାରୀମାନଙ୍କ ପରିବାର ସଦସ୍ୟ ଓ ପ୍ଲାଣ୍ଟରେ କାର୍ଯ୍ୟରତ ବିଭିନ୍ନ ଚୁକ୍ତିଭିତ୍ତିକ ସଂସ୍ଥାର କର୍ମଚାରୀମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଏହି ଶିବିରରେ ମୋଟ ୨୦୪ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଟାଟାଷ୍ଟିଲ ମେରାମଣ୍ଡଳୀର ସେୟାର୍ଡ ସର୍ଭିସେସର ବିଭାଗୀୟ ମୁଖ୍ୟ ବେଦ ପ୍ରକାଶ ଠାକୁର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। କମ୍ପାନୀର ସିଣ୍ଟର ପ୍ଲାଣ୍ଟ ବିଭାଗୀୟ ମୁଖ୍ୟ ରମେଶ କାନନ, ମେଡିକାଲ ସର୍ଭିସେସ୍‌ର ବରିଷ୍ଠ ରେଜିଷ୍ଟ୍ରାର ଡ. ଅବିନାଶ ଦାସ ଉପସ୍ଥିତ ଥିଲେ। ଢେଙ୍କାନାଳ ରକ୍ତ ଭଣ୍ଡାର ଇନଚାର୍ଜ ଡା. ସ୍ୱରୂପ ସାହୁ ଶିବିର ପରିଚାଳନା କରିଥିଲେ। ଏଥିରେ ବ୍ଲଡ ବ୍ୟାଙ୍କର ସହାୟକ ଷ୍ଟାଫମାନେ ପ୍ରତ୍ୟେକ୍ଷ ଭାବେ ଜଡିତ ଥିଲେ। ସେହିପରି ଟାଟାଷ୍ଟିଲ ମେଡିକାଲ ସର୍ଭିସେସ ଟିମ୍‌ର କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ। ଟାଟାଷ୍ଟିଲ ମେରାମଣ୍ଡଳୀ ପକ୍ଷରୁ ନିୟମିତ ବ୍ୟବଧାନରେ ଏଭଳି ଶିବିର ଆୟୋଜନ କରାଯାଇ ସ୍ୱେଚ୍ଛାକୃତ ରକ୍ତଦାନ କରିବା ପାଇଁ ସମସ୍ତେ ଆଗେଇ ଆସିବା ନିମନ୍ତେ ବାର୍ତ୍ତା ପ୍ରଦାନ କରିଥିଲେ।

# ମହିଳା କଲେଜ ପକ୍ଷରୁ ସାକ୍ଷରତା ଅଭିଯାନ

ଢେଙ୍କାନାଳ,୪।୧୨(ରତନ ନାୟାର)

ନୂଆ–ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅଧୀନରେ ସୋସିଆଲ୍ ୱାର୍କ ଏବଂ ଆକ୍ଟିଭିଟିସ୍ ଅନ୍ତର୍ଗତ ଏକ ସାକ୍ଷରତା ଅଭିଯାନ ଢେଙ୍କାନାଳ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ରାମଚନ୍ଦ୍ର ମଲ୍ଲଙ୍କ ତତ୍ତ୍ୱାବଧାନରେ ଏହି ସାକ୍ଷରତା ଅଭିଯାନରେ ଅଧ୍ୟାପକ, ଅଧ୍ୟାପିକା ଏବଂ ସ୍ୱେଚ୍ଛାସେବୀ ଛାତ୍ରୀମାନେ ଯୋଗଦେଇ ସିମିଳିଆ ଅଞ୍ଚଳର ଶବରସାହିକୁ ଯାଇ ଜନସାଧାରଣଙ୍କୁ ସାକ୍ଷରତା ଏବଂ ଶିକ୍ଷାର ମହତ୍ତ୍ୱ ସମ୍ପର୍କରେ ଅବଗତ କରାଇଥିଲେ। ଏଥିସହିତ ଛୋଟ ଛୋଟ ପିଲାଙ୍କୁ ଛବିଳ ମଧୁ ବର୍ଣ୍ଣବୋଧ, ଡ୍ରଇଁ ଖାତା, କଲମ, ପେନ୍‌ସିଲ୍ ଆଦି ଉପହାର ଆକାରରେ ପ୍ରଦାନ କରିଥିଲେ। ସମସ୍ତଙ୍କୁ ସମାଜ ସେବାରେ ସାମିଲ୍ କରିବା ପାଇଁ ପ୍ରେରଣା ଦେଇଥିଲେ। ନୂଆ–ଓ କାର୍ଯ୍ୟକ୍ରମର ନୋଡାଲ୍ ଅଧିକାରୀ ଡ. ସାଗରିକା ପଣ୍ଡା ଓ ଅଧ୍ୟାପକ ପଙ୍କଜ ବାରିକ ପରିଚାଳନା କରିଥିଲେ। ଏହି ଅଭିଯାନ ସମୟରେ ଯୁବନେତା ସନ୍ତୋଷ କୁମାର ଦେହୁରୀ ଉପସ୍ଥିତ ରହି ସହଯୋଗ ପ୍ରଦାନ କରିଥିଲେ।


ସାକ୍ଷରତା ଅଭିଯାନ ଅବସରରେ କୁନି କୁନି ପିଲାଙ୍କ ସହ ଅନ୍ୟମାନେ।

**କୋଇଲା ଚୋରାଚାଲାଣ: ୩ ଗିରଫ**

କଣିହାଁ,(ସଚ୍ଚିଦାନନ୍ଦ ପ୍ରଧାନ): କଣିହାଁ ଥାନା ପୋଲିସ ସୋମବାର ଚୋରା କୋଇଲା ଚାଲାଣ ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଛେଣ୍ଡିପଦା ଥାନା ଅଞ୍ଚଳର ନିରଞ୍ଜନ ନାଏକ, କଂସମୁଣ୍ଡା ଗ୍ରାମର ହରି ନାଏକ ଏବଂ କୁଣ୍ଡେଇଗୋଳା ଗ୍ରାମର କପିଳ ସାହୁ। ଏ ନେଇ ୩ଟି ପୃଥକ ପୃଥକ ମାମଲା ରୁଜୁ ହୋଇଥିବା ଥାନା ତଦନ୍ତକାରୀ ଅଧିକାରୀ ଅରୁଣ କୁମାର ପଣ୍ଡା କହିଛନ୍ତି।

# ୨୧୭ ଅଭିଯୋଗର ଶୁଣାଣି

କାମାକ୍ଷାନଗର,୪।୧୨(ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କାମାକ୍ଷାନଗର ପଞ୍ଚାୟତ ସମିତି ସଭାଗୃହ ପରିସରରେ ସୋମବାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ ଅତିରିକ୍ତ ଜିଲାପାଳ ଲଳିତ ମୋହନ ବେହେରା ଯୋଗଦେଇ ୨୧୭ ଅଭିଯୋଗର ଶୁଣାଣି କରିଥିଲେ। ଘଟଣାସ୍ଥଳରେ ୧୦୮ଟି ଅଭିଯୋଗର ସମାଧାନ କରିଥିଲେ। ଉପଜିଲାପାଳ ନାରାୟଣଚନ୍ଦ୍ର ନାୟକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦିଲୀପ କୁମାର ବିଶ୍ୱାଳ, ଏସ୍‌ଡିପିଓ ପ୍ରଭାତ ତ୍ରିପାଠୀ, ବିଡିଓ ଅବିନାଶ ପାଣ୍ଡିଆ, ତହସିଲଦାର ପ୍ରିୟବ୍ରତ ଦାସ, ଜିଲା ଜରୁରିକାଳୀନ ଅଧିକାରୀ ଅଶ୍ୱିନୀ କୁମାର ସାହୁ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା ସଚ୍ଚିଦାନନ୍ଦ ସ୍ୱାଇଁ, ଜିଲା ମତ୍ସ୍ୟ ଅଧିକାରୀ ସଂଗ୍ରାମ କେଶରୀ କର, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ସହକାରୀ ଯନ୍ତ୍ରୀ ହିମାଂଶୁ ଶେଖର ନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭେନ୍ଦୁ କୁମାର ଖୁଣ୍ଟିଆ, ମୁଖ୍ୟ ଜିଲା କୃଷି ଅଧିକାରୀ ଦୀପ୍ତିକାନ୍ତ ରାଉତରାଏ, ଜିଲା ଯୋଗାଣ ଅଧିକାରୀ ବସନ୍ତ ପଣ୍ଡା, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶିକା ଗୀତାଞ୍ଜଳି ପାଢ଼ି, ଜିଲା ସମାଜ ମଙ୍ଗଳ ଅଧିକାରୀ ରୀତା ଶର୍ମା, ଜିଲାପାଳଙ୍କ ପିଜିସିଏଲ ଅଧିକାରୀ ଇପସିତା ବଳିଆରସିଂଙ୍କ ସମେତ ଜିଲାସ୍ତରୀୟ ଓ ଉପଖଣ୍ଡସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ଶିବିରରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ।

# ରାଜ୍ୟପାଳଙ୍କ ଗସ୍ତ ପାଇଁ ପ୍ରଶାସନର ପ୍ରସ୍ତୁତି

ଅନୁଗୋଳ, ୪।୧୨ (ଅମିତ କୁମାର ସାମଲ)




ଆସନ୍ତା ୬ ଓ ୭ ତାରିଖରେ ରାଜ୍ୟପାଳ ରଘୁବର ଦାସଙ୍କ ଅନୁଗୋଳ ଜିଲା ଗସ୍ତ କାର୍ଯ୍ୟସୂଚୀ ରହିଛି। ୬ ତାରିଖ ପୂର୍ବାହ୍ନ ୧୦ଟାରେ ରାଜ୍ୟପାଳ ନାଲ୍‌କୋ ଗେଷ୍ଟ ହାଉସ୍ ଠାରେ ପହଞ୍ଚିବେ। ଏହାପରେ ୧୦ଟା ୪୫ରେ ତୁରଙ୍ଗସ୍ଥିତ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରିବା ସହ ୧୧ଟା ୪୫ ମିନିଟ୍‌ରେ ନାରୀଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କ ସହ ବାର୍ତ୍ତାଳାପ କରିବେ। ମଧ୍ୟାହ୍ନ ୧୨ଟାରେ ଅନୁଗୋଳ ସହର ରାଜକିଶୋରପଡାସ୍ଥିତ ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ ପରିଦର୍ଶନ କରିବେ। ମଧ୍ୟାହ୍ନ ୧୨ଟା ୩୦ଟାରେ ବାଜି ରାଉତ ଛାତ୍ରାବାସ, ଅପରାହ୍ନ ୧ଟାରୁ ୧ଟା ୩୦ ମଧ୍ୟରେ ସ୍ମାର୍ଟ ପାର୍କ, ବ୍ଲାକ୍ ଡାଇମଣ୍ଡ ଓ ଏଆରସି ଗସ୍ତ କାର୍ଯ୍ୟସୂଚୀ ରହିଛି। ଅପରାହ୍ନ ୪ଟାରେ ତାଳଚେରର କନ୍ଧବେରେଣୀ ଆଶ୍ରମ ସ୍କୁଲ ଓ ଗ୍ରାମୀଣ ପାନୀୟ ଜଳ ପ୍ରକଳ୍ପ ପରିଦର୍ଶନ କରିବେ। ସନ୍ଧ୍ୟା ୫ଟାରେ ଧରମପୁର ସ୍ୱାସ୍ଥ୍ୟ କେନ୍ଦ୍ର, ୬ଟା ୧୫ ଟାରେ ଗୋପାଳପ୍ରସାଦ ସ୍ଥିତ ହିଙ୍ଗୁଳା ମନ୍ଦିର ପରିଦର୍ଶନ କରି ନାଲ୍‌କୋ ଗେଷ୍ଟ ହାଉସ ଠାରେ ରାତ୍ରିଯାପନ କରିବେ। ୭ ତାରିଖ ପୂର୍ବାହ୍ନ ୮ଟାରେ ରାଜ୍ୟପାଳ ଅନୁଗୋଳ ସ୍ଥିତ ଜଗନ୍ନାଥ ମନ୍ଦିର ପରିଦର୍ଶନ କରି ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ। ରାଜ୍ୟପାଳଙ୍କ ଗସ୍ତ ପାଇଁ ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରତିମିୟଙ୍କ ଅଧ୍ୟକ୍ଷତାରେ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର ଉପସ୍ଥିତ ଥିଲେ। ରାଜ୍ୟପାଳଙ୍କ ଗସ୍ତ କାର୍ଯ୍ୟକ୍ରମ ସମୟରେ ଟ୍ରାଫିକ୍ ନିୟନ୍ତ୍ରଣ ଓ ସୁରକ୍ଷା ନିମନ୍ତେ ଅତିରିକ୍ତ ଉପ ଆରକ୍ଷୀ ଅଧୀକ୍ଷକ ପ୍ରତିଭା ମାଝି, ଅନୁଗୋଳ ଉପଖଣ୍ଡ ପୋଲିସ ଅଧିକାରୀ ରମାକାନ୍ତ ମହାଲିକ ଓ ଭାରପ୍ରାପ୍ତ ଥାନା ଅଧିକାରୀ ଧୀରେସ କୁମାର ଦାସଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂହ, ଜିଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପଦ୍ମନାଭ ସାମନ୍ତରାୟ, ଅନୁଗୋଳ ଓ ତାଳଚେର ଉପଜିଲାପାଳଙ୍କ ସମେତ ବିଭିନ୍ନ ବିଭାଗର ଜିଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ରାଜପଥରେ ନିଃଶୁଳ୍କ ବାଇକ୍ ଚେକ୍‌ଅପ୍

ଅନୁଗୋଳ, ୪।୧୨ (ଅମିତ କୁମାର ସାମଲ)

ଅନୁଗୋଳ ଦେଇ ଯାଇଥିବା କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ପଞ୍ଚମହଲାଠାରେ ପାର୍ବତୀ ହିରୋ ଏବଂ ଅନୁଗୋଳ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ନିଃଶୁଳ୍କ ମୋଟରସାଇକେଲ ଚେକ୍‌ଅପ୍ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୁର୍ଘଟଣାଜନିତ ମୃତ୍ୟୁ ଶୂନ୍ୟ ସପ୍ତାହ ପାଳନ ଅବସରରେ ଏହି କାର୍ଯ୍ୟକ୍ରମ କରାଯିବା ସହ ଗାଡ଼ି ଚାଳକଙ୍କୁ ସଚେତନ କରାଯାଇଥିଲା। ମୋଟରସାଇକେଲ ଗୁଡ଼ିକର ହେଲ୍‌ଲାଟ୍, ବ୍ରେକ୍, ପଛ ଓ ଇଣ୍ଡିକେଟର ଲାଇଟ୍ ଆଦି ଠିକ୍ ଅଛି କି ନାହିଁ ତାହା ପରଖା ଯାଇଥିଲା। ଏହାଦ୍ୱାରା ଦୁର୍ଘଟଣା ତଥା ଦୁର୍ଘଟଣାଜନିତ ମୃତ୍ୟୁକୁ ଅନେକାଂଶରେ ଏଡ଼ାଇ ଦିଆଯାପାରିବ ବୋଲି ପରାମର୍ଶ ଦିଆଯାଇଥିଲା। ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ନିଖିଲ ପଟ୍ଟନାୟକ, କାର୍ଯ୍ୟାଳୟର କର୍ମଚାରୀମାନେ ସହଯୋଗ କରିଥିଲେ।



ମୋଟରସାଇକେଲ ଗୁଡ଼ିକୁ ଚେକ୍‌ଅପ୍ କରାଯାଉଛି।

# ବୃଦ୍ଧଙ୍କ ମୃତଦେହ ଜବତ

ଅନୁଗୋଳ,୪।୧୨(ଅମିତ ସାମଲ)

ଅନୁଗୋଳ ଜିଲା ଗୋପାଳପ୍ରସାଦ ଥାନା ଅନ୍ତର୍ଗତ ହିଙ୍ଗୁଳା ମନ୍ଦିର ନିକଟରେ ଥିବା ପୋଖରୀରୁ ଜଣେ ଅଚିହ୍ନା ବୃଦ୍ଧଙ୍କ ମୃତଦେହ ପୋଲିସ ଜବତ କରିଛି। ପୋଲିସ କହିଛି, ବୃଦ୍ଧ ଜଣଙ୍କ କିଛିଦିନ ହେବ ହିଙ୍ଗୁଳା ମନ୍ଦିର ନିକଟରେ ଭିକ୍ଷାବୃତ୍ତି କରୁଥିଲେ। ସେଠାରେ ଥିବା ପୋଖରୀକୁ ଶୌଚ ପାଇଁ ଯାଇଥିବାବେଳେ ଅସାବଧାନତା କାରଣରୁ ପୋଖରୀରେ ବୁଡ଼ି ଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଅଗ୍ନିଶମ କର୍ମଚାରୀ ପୋଖରୀରୁ ମୃତଦେହ ଉଦ୍ଧାର କରି ପୋଲିସକୁ ହସ୍ତାନ୍ତର କରିଛି।

# ଦୁର୍ଘଟଣାରେ ଗୁରୁତରଙ୍କୁ ସହାୟତା

କାମାକ୍ଷାନଗର,୪।୧୨ (ଅମଜାଦ ଖାନ)



ଢେଙ୍କାନାଳ ଜିଲା କଙ୍କଡାହାଡ଼ ବ୍ଲକ ବାଟଗାଁ ପଞ୍ଚାୟତ ଗୋଡ଼ି ସାହିର ନାରାୟଣ ବେହେରାଙ୍କ ପୁଅ ସନ୍ତୋଷ ବେହେରା କିଛିଦିନ ତଳେ ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇଥିଲେ। ତାଙ୍କ ବାମ ଗୋଡରେ ଗୁରୁତର ଆଘାତ ଲାଗିଥିଲା। ବାପା ଅତି ଗରିବ ହୋଇଥିବାରୁ ସନ୍ତୋଷ ଦୁର୍ଦ୍ଦଶା ଓ କଷ୍ଟରେ ଜୀବନ ଅତିବାହିତ କରୁଛନ୍ତି। ଏହି ଖବର ଶୁଣି ଯୁବଶକ୍ତିର ଅଧ୍ୟକ୍ଷ ତଥା ପରଜଙ୍ଗ ନିର୍ବାଚନମଣ୍ଡଳୀର ବିଜେଡି ଯୁବନେତା ହିମାଂଶୁ ଭୂଷଣ ବାରିକ ରବିବାର ସନ୍ତୋଷଙ୍କ ଘରେ ପହଞ୍ଚି ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହ ରାଶନ ସାମଗ୍ରୀ ଅଟା, ସୁଜି, ସିମେଇ, ବିସ୍କୁଟ, ଚୁଡା, ଚିନି ଆଦି ପ୍ରଦାନ କରିଥିଲେ। ଆବଶ୍ୟକ ପଡ଼ିଲେ ଆହୁରି ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ୩ ଦୋକାନରୁ ଚୋରି

ଭୁବନ,୪।୧୨(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସି କାଳୀବଜାର ଛକରେ ଥିବା ୩ ଦୋକାନରୁ ରବିବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ସ୍କାଏଲାଇଟ୍ ଭାଙ୍ଗି ଟଙ୍କା ଚୋରି କରିନେଇଥିବା ଭୁବନ ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ବିଶ୍ୱଜ୍ୟୋତି ଇଲୋକ୍ଟ୍ରୋନିକ୍ସରୁ ୫୦ ହଜାର ଟଙ୍କା, ଖୁସୁ ଭେରାଇଟ ଷ୍ଟୋରରୁ ୨୦ ହଜାରରୁ ଉର୍ଦ୍ଧ୍ୱ ଏବଂ ଏଲୋରା ଇଲୋକ୍ଟ୍ରୋନିକ୍ସରୁ ୧୨ ହଜାର ଟଙ୍କା ଚୋରି ହୋଇଛି। ଦୁର୍ବୃତ୍ତମାନେ ଦୋକାନର ସ୍କାଏଲାଇଟ ଭାଙ୍ଗି ଏହି ଚୋରି କରିଛନ୍ତି। ସକାଳେ ଦୋକାନୀ ଲଳିତ କୁମାର ଦାସ, ପ୍ରଭାକର ସାହୁ ଓ ଲକ୍ଷ୍ମୀକାନ୍ତ ସାହୁ ଚୋରି ହୋଇଥିବା ଜାଣିବା ପରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

# ପିକ୍‌ନିକ ସ୍ପଟ ନିର୍ମାଣକୁ ବିରୋଧ



କାମାକ୍ଷାନଗର,୪।୧୨(ଅମଜାଦ ଖାନ)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ କୋଟଗରା ପଞ୍ଚାୟତ ଯୋଗିଡିହି ଗ୍ରାମର ଜେନାପୁର ପାଖରେ ଥିବା ଶାଳବଣ ଗ୍ରାମ୍ୟ ଜଙ୍ଗଲ ଜମିରେ ପିକ୍‌ନିକ୍ ସ୍ପଟ ନିର୍ମାଣକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଏ ନେଇ ବ୍ଲକ ସଭାଗୃହରେ ସୋମବାର ଆୟୋଜିତ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ପୂର୍ବରୁ ଏହାକୁ ପିକନିକ ସ୍ପଟ ଘୋଷଣା କରାଯାଇଥିଲା। ତେବେ ଏହାର ଉନ୍ନତୀକରଣ ନାମରେ ବହୁ ମୂଲ୍ୟବାନ ଶାଳଗଛ କାଟିଦିଆଯାଇଛି। ପରେ ଜେସିବି ମେଶିନ ସହାୟତାରେ ଜମିକୁ ସମତଳ କରି ସେଥିରେ ପିଣ୍ଡି ନିର୍ମାଣ କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ କାମାକ୍ଷାନଗର ବିଡିଓ ଅଭିନାଶ ପାଣ୍ଡିଆ କହିଛନ୍ତି, ଏହି ମାମଲାରେ ଜଙ୍ଗଲ ବିଭାଗ ଓ ତହସିଲଦାରଙ୍କ ଯୁଗ୍ମ ତଦନ୍ତ କରିବାକୁ ଅତିରିକ୍ତ ଜିଲାପାଳ ଲଳିତ ମୋହନ ବେହେରା ନିର୍ଦ୍ଦେଶ ଦେଇଛନ୍ତି।

# ଦୁର୍ଘଟଣାରେ ଜଣେ ମୃତ

ଅନୁଗୋଳ,୪।୧୨(ଅମିତ ସାମଲ)

ଅନୁଗୋଳ ଜିଲା ମହୀଧରପୁର-ବନ୍ତଳା ରାସ୍ତାରେ ସୋମବାର ଏକ ଦୁର୍ଘଟଣା ଘଟିଛି। ଏଥିରେ ବାଇକ୍ ଚାଳକ ମହୀଧରପୁର ଗ୍ରାମର ଶମ୍ଭୁ ସାହୁ(୫୫)ଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଶମ୍ଭୁଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ହେଲେ ସେଠାରେ ଡାକ୍ତର ଶମ୍ଭୁଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ମେଡିକାଲରେ ସଂରକ୍ଷିତ ରଖାଯାଇଥିବା ବେଳେ ମଙ୍ଗଳବାର ତାହାକୁ ବ୍ୟବଚ୍ଛେଦ କରାଯାଇ ତାଙ୍କ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ମେଡିକାଲ ପକ୍ଷରୁ ସୂଚନା ଦିଆଯାଇଛି।

# ମନ୍ଦିର କାର୍ଯ୍ୟ ନିମ୍ନମାନର ଅଭିଯୋଗ

କଣିହାଁ,୪।୧୨(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ କାକୁଡିଆ ଗ୍ରାମରେ ରହିଥିବା ଶୈବ ପୀଠର ପାରିପାର୍ଶ୍ୱିକ ଉନ୍ନତୀକରଣ କାର୍ଯ୍ୟ ଚାଲିଛି। ରାଜ୍ୟ ସରକାରଙ୍କ ତରଫରୁ ଅନୁଦାନ ମିଳିଥିବା ବେଳେ ପେଭର ବ୍ଲକ ବିଛେଇବା କାମ ନିମ୍ନମାନର ବୋଲି ଅଭିଯୋଗ ହୋଇଛି। ଏ ନେଇ କାକୁଡିଆ ଗ୍ରାମବାସୀ ସୋମବାର କଣିହାଁ ବ୍ଲକ କାର୍ଯ୍ୟାଳୟକୁ ଆସି ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, କାକୁଡିଆ ଗ୍ରାମରେ ଥିବା ଶିବ ମନ୍ଦିର ଉନ୍ନତୀକରଣ କାର୍ଯ୍ୟ ଠିକ ଭାବେ ହେବାକୁ ନେଇ ଗ୍ରାମ କମିଟିକୁ ତଦାରଖ କରୁଥିବା ଯନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏହା ଠିକ ଭାବରେ ହୋଇନାହିଁ। ସିମେଣ୍ଟ ଇଟା ବିଛା କାର୍ଯ୍ୟକ୍ରମ ପୂର୍ବରୁ ବାଲି ପାଣି ପକାଇ କାର୍ଯ୍ୟ କରାଯିବ ବୋଲି କହିଥିଲେ। କିନ୍ତୁ ଏହା କରା ନ ଯାଇ ଇଟା ବିଛା ଯାଇଥିଲା। ଫଳରେ ଏହାର ସ୍ଥାୟିତ୍ୱକୁ ନେଇ ଆଶଙ୍କା ଉପୁଜିବା ସହ ଅସନ୍ତୋଷ ଦେଖାଦେଇଥିବା ଗ୍ରାମ ସଭାପତି ଅଶୋକ ପ୍ରଧାନ, ପ୍ରମୋଦ ପ୍ରଧାନ, ଲମ୍ବୋଦର ରାଉଳ, ରତ୍ନାକର ପ୍ରଧାନଙ୍କ ସମେତ ୨ଶହରୁ ଉର୍ଦ୍ଧ୍ୱ ବ୍ୟକ୍ତି ଦରଖାସ୍ତରେ ସ୍ୱାକ୍ଷର କରିଥିବା ବେଳେ ବ୍ଲକ ପ୍ରଶାସନ ତରଫରୁ ନ୍ୟାୟ ନ ମିଳିଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ କଣିହାଁ ବିଡିଓ ଦେବଦତ୍ତ ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ ମତାମତ ମିଳିନାହିଁ।



କଣିହାଁ ବ୍ଲକ କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

# ମନ୍ଦିର ସମ୍ମୁଖ ଭାଗ ମୁକ୍ତ ରଖିବାକୁ ନିଷ୍ପତ୍ତି

ପାଲଲହଡା,୪।୧୨(ଦିବ୍ୟଜ୍ୟୋତି ଦାଶ)

ପାଲଲହଡା ସଦର ମହକୁମାରେ ଥିବା ବଳଦେବଜୀଉଙ୍କ ମନ୍ଦିର ସିଂହଦ୍ୱାର ସମ୍ମୁଖ ଦୋକାନ ଗୃହ ଗୁଡିକ ପାଇଁ ଆଢୁଆଳରେ ରହି ଯାଇଥିଲା। ଏଠାରେ ଏକ ମନ୍ଦିର ଅଛି ବୋଲି ଲୋକେ ଜାଣିବା କଷ୍ଟକର ହେଉଥିଲା। କିନ୍ତୁ ଦୋକାନ ଘରଗୁଡିକ ବିପଦପୂର୍ଣ୍ଣ ହୋଇଯିବାରୁ କିଛି ଦିନ ତଳେ ଦେବୋତ୍ତର ବିଭାଗ ତାହାକୁ ଭାଙ୍ଗି ଦେଇଥିଲା। ମନ୍ଦିରକୁ ଅଧିକ ଆକର୍ଷଣୀୟ ଓ ସିଂହଦ୍ୱାରକୁ ସମ୍ପୂର୍ଣ୍ଣ ମୁକ୍ତ କରିବା ପାଇଁ ଉପଖଣ୍ଡର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏ ନେଇ ସୋମବାର ମନ୍ଦିର ଟ୍ରଷ୍ଟ ପକ୍ଷରୁ ଉପଜିଲାପାଳ ସୁଶାନ୍ତ ପତିଙ୍କ ନେତୃତ୍ୱରେ ବୈଠକ ବସି ମନ୍ଦିର ସମ୍ମୁଖ ଭାଗ ମୁକ୍ତ ରଖିବା ଓ ଦୋକାନଗୃହଗୁଡିକୁ ପାର୍ଶ୍ୱ ପଡିଆରେ ନିର୍ମାଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ପାଲଲହଡ଼ା ରାଜା ସାହେବ ରାମଚନ୍ଦ୍ର ମୁନିପାଲ, ବିଧାୟକ ମୁକେଶ ପାଳଙ୍କ ସମେତ ବଜାର କମିଟି, ଟ୍ରଷ୍ଟର ସଦସ୍ୟମାନେ ଉପସ୍ଥିତ ଥିଲେ।

# ପାର୍କ ନିର୍ମାଣ ନ କରିବାକୁ ଦାବିପତ୍ର



କାଉନସିଲର ସରିତା ମିଶ୍ରଙ୍କ ନେତୃତ୍ୱରେ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

ଅନୁଗୋଳ,୪।୧୨(ଅମିତ ସାମଲ)

ଅନୁଗୋଳ ପୌରପାଳିକାର ହୁଲୁରିସିଂହାରେ ଥିବା ଶ୍ମଶାନରେ ଆମୋଦ ପ୍ରମୋଦ ପାଇଁ ପାର୍କ ନିର୍ମାଣ କରାଯିବ। ଏହାକୁ ହୁଲୁରିସିଂହାବାସୀ ବିରୋଧ କରିଛନ୍ତି। ଏ ନେଇ ସୋମବାର ହୁଲୁରିସିଂହାବାସୀ ଜିଲାପାଳଙ୍କ ନିକଟରେ ଦ୍ୱାରସ୍ଥ ହୋଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଦର୍ଶାଯାଇଛି, ସ୍ଥାନୀୟ ବାସିନ୍ଦା କେଉଁ କାଳରୁ ସେଠାରେ ମୃତଦେହ ଦାହ କରୁଛନ୍ତି। କିନ୍ତୁ ଅନୁଗୋଳ ପୌରପାଳିକା ପକ୍ଷରୁ ସେଠାରେ ଏକ ପାର୍କ ନିର୍ମାଣ କରାଯିବ ବୋଲି ସ୍ଥିର କରାଯାଇଛି। ଏଭଳି କି ସେଠାରେ ଥିବା ସମାଧିକୁ ମଧ୍ୟ ଜଣେ ଠିକାଦାର ଭାଙ୍ଗି ଦେଇଛନ୍ତି। ତୁରନ୍ତ ଭଙ୍ଗାଯାଇଥିବା ସମାଧିକୁ ନିର୍ମାଣ କରିବା ଗ୍ରାମବାସୀ ଦାବି କରିଛନ୍ତି। ଅନୁଗୋଳ ପୌରପାଳିକାର କାଉନସିଲର ସରିତା ମିଶ୍ରଙ୍କ ନେତୃତ୍ୱରେ ଶ୍ରୀକାନ୍ତ ନାଏକ, ରଜନୀ ନାଏକଙ୍କ ସମେତ ବହୁ ମହିଳାପୁରୁଷ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ। ଏଥିସହ ପୌରପାଳିକାରେ ମଧ୍ୟ ଅଭିଯୋଗ କରିଥିବା ଜଣାପଡ଼ିଛି।

# ପଞ୍ଚାୟତସ୍ତରରେ ସଙ୍ଗଠନକୁ ମଜଭୁତ କର

ଛେଣ୍ଡିପଦା,୪।୧୨(ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ପାତ୍ରପଡା ପଞ୍ଚାୟତ ଘାସିମଳିହାଠାରେ ରବିବାର ବିଜେଡିର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପାତ୍ରପଡା ପୂର୍ବତନ ସମିତିସଭ୍ୟ ରମେଶ ଚନ୍ଦ୍ର ବିଶ୍ୱାଳଙ୍କ ଆହ୍ୱାନକ୍ରମେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ ବେହେରା ଯୋଗଦେଇ ପଞ୍ଚାୟତସ୍ତରରେ ଦଳର ସଙ୍ଗଠନକୁ ମଜଭୁତ କରିବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୁ ଜନତା ଦଳର ଦଶରଥ ବିଶ୍ୱାଳ, କ୍ଷୀରୋଦ ମାଝି, କୁମୁଦ ଚନ୍ଦ୍ର ମାଝି, ଗୌତମ ପ୍ରଧାନ, ବିମଳ ବେହେରା, ମଧୁ ମାଝି, ଗିରିଶ ବେହେରା, ୱାର୍ଡମେମ୍ବର ପିଣ୍ଟୁ ମହାପାତ୍ର, ପପୁନ ସାହୁ, ବାବୁଲି ବିଶ୍ୱାଳଙ୍କ ସମେତ ବହୁ ଦଳୀୟ କର୍ମୀ ଯୋଗ ଦେଇଥିଲେ।



ବୈଠକରେ ଉପସ୍ଥିତ ବିଧାୟକଙ୍କ ସମେତ କର୍ମୀମାନେ।

# ଜେଏସ୍‌ପି ଫାଉଣ୍ଡେଶନ ପକ୍ଷରୁ ଭିନ୍ନକ୍ଷମ ଦିବସ




ଅନୁଗୋଳ, ୪।୧୨ (ଅମିତ କୁମାର ସାମଲ)

ଅନୁଗୋଳସ୍ଥିତ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି)ର ସାମାଜିକ ଦାୟିତ୍ୱବୋଧ ଶାଖା ରୂପେ କାର୍ଯ୍ୟ କରୁଥିବା ଜେଏସ୍‌ପି ଫାଉଣ୍ଡେଶନ ପକ୍ଷରୁ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଜିନ୍ଦଲ ନଗର ସ୍ଥିତ ଜିନ୍ଦଲ ଆଶା କେନ୍ଦ୍ରଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ଛେଣ୍ଡିପଦା ବ୍ଲକର ୧୫୦ରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ଶିଶୁ ଏବଂ ଅଭିଭାବକମାନେ ଏକ ଶୋଭାଯାତ୍ରାରେ ଯାଇ ଦିବ୍ୟାଙ୍ଗ ଶିଶୁଙ୍କ ପ୍ରଗତି ସହ ସେମାନଙ୍କୁ ସଶକ୍ତ କରିବା ସମ୍ପର୍କରେ ସଚେତନ କରିଥିଲେ। ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବ୍ଲକ ଶିକ୍ଷା ଅଧିକାରୀ ମଧୁସ୍ମିତା ନନ୍ଦ, ସମ୍ମାନିତ ଅତିଥି ଭାବେ ଓପି ଜିନ୍ଦଲ ସ୍କୁଲ ଅଧ୍ୟକ୍ଷା ଡ. ସୋନାଲୀ ବସୁ ଯୋଗ ଦେଇ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଭାଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଜିନ୍ଦଲ ଆଶା ଏକ ଥଇଥାନ କେନ୍ଦ୍ର। ଏହା ମାଧ୍ୟମରେ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ସ୍ୱତନ୍ତ୍ର ଆବଶ୍ୟକତା ଥିବା ଦିବ୍ୟାଙ୍ଗ ଶିଶୁଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସହାୟତା ପ୍ରଦାନ କରାଯାଇଥାଏ। ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଦିବ୍ୟାଙ୍ଗ ତଥା ସ୍ୱତନ୍ତ୍ର ଭିନ୍ନକ୍ଷମ ଶିଶୁମାନଙ୍କୁ ଏହି କେନ୍ଦ୍ର ଦ୍ୱାରା ପରିବହନର ସୁବିଧା ସାଙ୍ଗକୁ ବିଭିନ୍ନ ପ୍ରକାରର ଥେରାପି ପ୍ରଦାନ କରାଯାଇଥାଏ। ଜେଏସପି ଫାଉଣ୍ଡେଶନ ଓଡ଼ିଶା, ଛତିଶଗଡ଼ ଏବଂ ଝାଡ଼ଖଣ୍ଡର ପ୍ରକଳ୍ପ ପାର୍ଶ୍ୱବର୍ତ୍ତୀ ଗ୍ରାମରେ ବସବାସ କରୁଥିବା ୫,୫୦୦ରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ଶିଶୁମାନଙ୍କୁ ଜିନ୍ଦଲ ଆଶା କେନ୍ଦ୍ର ମାଧ୍ୟମରେ ସେବା ପ୍ରଦାନ କରିବା ସହ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିପାରିଛି। ଏହି ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ଫାଉଣ୍ଡେଶନ ଅଧ୍ୟକ୍ଷା ଶାଲୁ ଜିନ୍ଦଲ ସାଧାରଣ ଜନତାଙ୍କୁ ମିଳିତ ଜାତିସଂଘର ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍‌ଡିଜି) ଅନ୍ତର୍ଗତ ଦିବ୍ୟାଙ୍ଗମାନଙ୍କୁ ସଶକ୍ତ କରିବା ନିମନ୍ତେ ଆହ୍ୱାନ କରିଥିଲେ। ସିଏସଆର ବିଭାଗୀୟ ମୁଖ୍ୟ ଭରପ୍ରାପ୍ତ ଆଶୁତୋଷ ମିଶ୍ରଙ୍କ ନେତୃତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା। ଫାଉଣ୍ଡେସନର ଶିକ୍ଷା ଓ ସ୍ୱତନ୍ତ୍ର ଶିକ୍ଷା ଉପକ୍ରମ ଇନଚାର୍ଜ ତାପସ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ଦିବ୍ୟାଙ୍ଗ ଜନଙ୍କ ସାମଗ୍ରିକ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରୟାସ ପାଇଁ ଜେଏସପି ଫାଉଣ୍ଡେଶନ ଗତ ନଭେମ୍ବରରେ ଗ୍ରୀନଟେକ ସିଏସଆର ପୁରସ୍କାର ଲାଭ କରିଛି।

